# Akashvani, Sambalpur

## SAMBALPURI NEWS BULLETIN

### 11 June 2024- 6.47- 6.52 am.

**************************************************

ଶୀତଲ୍‌ଷଷ୍ଠୀ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଶୀତଲ୍‌ଷଷ୍ଠୀ ଯାତ୍ରା ଅବ୍‌ସରେ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର୍ ବାବା, ଝାଡୁଆପଡ଼ାର ଲୋକନାଥ ବାବା ଆର୍ ମୁଦିପଡ଼ାର ଜାଗେଶ୍ୱର୍ ବାବାଙ୍କର୍ କନ୍ୟାପିତାଙ୍କର୍ ଘରେ ମା ପାର୍ବତୀଙ୍କର୍ ସଙ୍ଗେ ବୈଦିକ୍ ରୀତିନୀତିଥି ଗଲାରାତି ବିହାଘର୍ ହେଇଯାଇଛେ । ଇତାର୍‌ଛଡ଼ା ସହରର୍ ବାଲିବନ୍ଧାର୍ ସୋମ୍‌ନାଥ ବାବା, ଠାକୁର୍‌ପଡ଼ାର୍ ଗୁପ୍ତେଶ୍ୱର୍ ବାବା, ବୁଢ଼ାରଜାର୍ କୋଶଲେଶ୍ୱର୍ ବାବା ଆର୍ ମହାମାୟା ଗୁଡ଼ିର ମହାକାଲେଶ୍ୱର୍ ବାବା, ଦୁର୍ଗାପାଲିର ଗୁଡ଼େଶ୍ୱର୍ ବାବାଙ୍କର୍ ବିହାଘର୍ ମା ପାର୍ବତୀଙ୍କର୍ ସାଙ୍ଗେ ହେଇଯାଇଛେ । ଗଲାରାତି ଦେବ ଦେବ ମହାଦେବ କନ୍ୟାପିତାଙ୍କର୍ ଘର୍‌କେ ବରାତି ଶୋଭାଯାତ୍ରାଥି ପୁହୁଁଚିଥିଲେ । ଶୋଭାଯାତ୍ରା ସମିଆଥି ଶଙ୍ଖ, ଘଂଟ, ସମ୍ପର୍ଦା, ଦୁଲ୍‌ଦୁଲି ବାଜା ସଙ୍ଗେ କଲାକାର୍‌ମାନ୍‌କର୍ ନାଚ୍‌ଗୀତ୍‌ଥି ସମ୍ବଲ୍‌ପୁର୍ ସହର୍ ଉତ୍ସବମୁଖର୍ ଥିଲା । ଆଏଜ୍

ଅଧାରାତିନୁ ଶୀତଲ୍‌ଷଷ୍ଠୀ ଯାତ୍ରାଥି ବାହାରିକରି ଦେବ ଦମ୍ପତି ଭକ୍ତମାନ୍‌କୁ ଯୁଗଳ ଦର୍ଶନ୍ ଦେବେ । ଶୋଭାଯାତ୍ରାଥି ଭିନ୍ ଭିନ୍ ରାଜ୍ୟନୁ ଆସିଥିବା କଲାକାର୍ ଆର୍ ଲୋକନୃତ୍ୟ ଦଲ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ କର୍‌ବେ । ଯାତ୍ରାର୍ ଲାଗି ଜିଲ୍ଲା ପ୍ରଶାସନ୍, ଜନସ୍ୱାସ୍ଥ୍ୟ ବିଭାଗ୍, ସ୍ୱାସ୍ଥ୍ୟ ବିଭାଗ୍, ବିଦ୍ୟୁତ୍ ଆଉ ମହାନଗର୍ ନିଗମ୍ ତର୍‌ଫୁ ପିଇବାର୍ ପାଏନ୍, ପ୍ରାଥମିକ ଚିକିତ୍ସା, ଲାଇଟ୍ ବାଗିର୍ ଭିନ୍ ଭିନ୍ ବ୍ୟବସ୍ଥାର୍ ତୟାରି କରାଯାଇଛେ ।
ବର୍‌ଗଡ୍ ଜିଲ୍ଲା ବର୍‌ପାଲି ର କପିଲେଶ୍ୱର୍ ବାବାଙ୍କର୍ ଗଲାକାଏଲ୍ ରାତି ବରାତି ବାହାରିଥିଲେ । ସେନ୍ତା ପଦମ୍‌ପୁର୍‌ର ସ୍ୱପ୍ନେଶ୍ୱର୍ ବାବା ଆଉ ରାମେଶ୍ୱର୍ ବାବା ଆଉ ବର୍‌ଗଡ୍‌ର ଗୌରୀଶଙ୍କର୍ ବାବାଙ୍କର୍ ଶୀତଲ୍‌ଷଷ୍ଠୀ ଅବ୍‌ସରେ ରାତିଥି ବରାତିଥି ବାହାରିଥିଲେ । ଘେଁସ୍, ସର୍‌କଣ୍ଡା ଆର୍ ତାଲ୍‌ଶ୍ରୀଗିଡ଼ା ନ ଭିଲ୍ ଶିବ ବିବାହ ହେଇଛେ ।

କେନ୍ଦ୍ରମନ୍ତ୍ରିମଣ୍ଡଲ୍ ବିଭାଗ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ଅନୁମୋଦନ୍ କ୍ରମେ କେନ୍ଦ୍ର ମନ୍ତ୍ରୀ ମଣ୍ଡଲ୍‌ର ସଦସ୍ୟମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ବିଭାଗ୍‌ର ଦାୟିତ୍ୱ ବଂଟାଯାଇଛେ । ଇ ଅନ୍‌ସାରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଣବିକ ଶକ୍ତି ବିଭାଗ୍, ମହାକାଶ୍ ବିଭାଗ୍, ସବୁ ଗୁରୁତ୍ୱପୂର୍ଣ୍ଣ

ନୀତିଗତ ବିଷେ ଆଉ ମନ୍ତ୍ରୀମାନ୍‌କୁ ଦିଆନାଇଁ ଯାଇଥିବାର୍ ସବୁ ବିଭାଗ୍‌ର ଦାୟିତ୍ୱଥି ରହେବେ । ହେନ୍ତା କେବିନେଟ୍ ପାହ୍ୟାଥି ରାଜନାଥ୍ ସିଂ ପ୍ରତିରକ୍ଷା ମନ୍ତ୍ରୀ, ଅମିତ୍ ଶାହା ସ୍ୱରାଷ୍ଟ୍ର ଆଉ ସମବାୟ ମନ୍ତ୍ରୀ, ନୀତିନ୍ ଗଡ୍‌କରୀ ସଡ଼କ୍ ପରିବହନ୍ ଆଉ ରାଜପଥ ମନ୍ତ୍ରୀ, ଶୁଭ୍ରମଣ୍ୟମ୍ ଜୟଶଙ୍କର୍ ବୈଦେଶିକ ବ୍ୟାପାର୍ ମନ୍ତ୍ରୀ, ନିର୍ମଳା ସୀତାରମଣ୍ ଅର୍ଥ ମନ୍ତ୍ରୀ, ଜଗତ୍ ପ୍ରକାଶ୍ ନଡ୍ଡା ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍, ଅଶ୍ୱିନୀ ବୈଷ୍ଣବ ରେଲ୍, ସୂଚନା ଆଉ ପ୍ରସାରଣ୍ ଆର୍ ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଧର୍ମେନ୍ଦ୍ର ପ୍ରଧାନ୍ ଶିକ୍ଷାମନ୍ତ୍ରୀ, ଜୁଏଲ୍ ଓରାମ୍ ଆଦିବାସୀ ବ୍ୟାପାର୍ ମନ୍ତ୍ରୀ, ଗିରିରାଜ୍ ସିଂ ବୟନ ଶିଳ୍ପ ଦାୟିତ୍ୱଥି ରହେବେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ରଏବାର୍ ଦିନ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ ୩୦ ଝନ୍ କେବିନେଟ୍ ମନ୍ତ୍ରୀ, ୩୬ ଝନ୍ ରାଷ୍ଟ୍ରମନ୍ତ୍ରୀ ଆଉ ୫ ଝନ୍ ରାଷ୍ଟ୍ରମନ୍ତ୍ରୀ ସ୍ୱାଧୀନ୍ ଦାୟିତ୍ୱଥି ଶପଥ୍ ନେଇଥିଲେ ।

ମୁଖ୍ୟମନ୍ତ୍ରୀ ଶପଥ୍ ଗ୍ରହଣ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ନୂଆଁ ସର୍‌କାର୍‌ଙ୍କର୍ ଆଏବା କାଏଲ୍ ଭୁବ୍‌ନେଶ୍ୱର୍‌ର ଜନତା ମଇଦାନ୍ ଠାନେ ହେବାର୍‌କେ ଥିବା ଶପଥ୍ ଗ୍ରହଣ୍

ଉତ୍ସବ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେବେ। ସେହିଦିନ ଭୁବ୍‌ନେଶ୍ୱର୍ ନ ଗୁଟେ ରୋଡ୍ ସୋ ଥି ପ୍ରଧାନ୍‌ମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ। ଶପଥ୍ ଗ୍ରହଣ୍ ଉତ୍ସବ୍ ଆଉ ରୋଡ୍ ସୋ କେ ଶାନ୍ତିଶୃଙ୍ଖଲା ସହେତେ ପରିଚାଲନା ଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ୍ କରାଯାଉଛେ। ପ୍ରଧାନ୍‌ମନ୍ତ୍ରୀ ଆଏବା କାଏଲ୍ ଦୁଇପହରର୍ ୨ ବାଜିକରି ୧୦ ମିନିଟ୍‌ଥି ସ୍ୱତନ୍ତ୍ର ବିମାନ୍‌ଥି ଭୁବ୍‌ନେଶ୍ୱର୍ ଆନ୍ତର୍ଜାତିକ ବିମାନ୍ ବନ୍ଦର୍ ନ ପୁହୁଁଚିବାର୍ ଉତ୍‌ରୁ ସେଠାନୁ ରାଜଭବନ୍ ଯିବେ। ରାଜ୍‌ଭବନ୍ ନ ସଞ୍ଜ୍‌ବେଲେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଜନ୍‌ତା ମଇଦାନ୍ ଯାଇକରି ଶପଥ୍ ଗ୍ରହଣ୍ ଉତ୍ସବ୍‌ଥି ଯୋଗ୍ ଦେବେ। ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ଗଲାକାଏଲ୍ ପୁଲିସ୍ ତର୍‌ଫୁ ସୁରକ୍ଷା ବ୍ୟବସ୍ଥା ବାବ୍‌ଦେ ସମୀକ୍ଷା କରାଯାଇଛେ। ସୂଚ୍‌ନା ଅନ୍‌ସାରେ ସୁରକ୍ଷା ଲାଗି ୭୦ ପ୍ଲାଟୁନ୍ ନୁ ଅଏତ୍‌କା ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ।

ନୂଆଁ ମୁଖ୍ୟମନ୍ତ୍ରୀ ଶପଥ୍ ଗ୍ରହଣ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ବିଜେପି ବିଧାୟକ୍ ଦଲର୍ ବୈଠକ୍ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ହେବା। ଇଥି ନୂଆଁ ମୁଖ୍ୟମନ୍ତ୍ରୀଙ୍କର୍ ନାଁ ବିଷେଥି ଆଲୋଚନା କରାଯିବା। ବୈଠକ୍‌ଥି ଦଲର୍ କେନ୍ଦ୍ରୀୟ

ପର୍ଯ୍ୟବେକ୍ଷକ୍ ଭାବେ କେନ୍ଦ୍ରମନ୍ତ୍ରୀ ରାଜନାଥ୍ ସିଂ ଆଉ ଭୂପେନ୍ଦର୍ ଯାଦବ୍ ଉପସ୍ଥିତ୍ ରହେବେ । ବୈଠକ୍ ଉତ୍ରୁ ସଞ୍ଜ୍ବେଲେ ସବୁ ବିଧାୟକ୍ ରାଜ୍ୟପାଲ୍ଙ୍କୁ ଭେଟ୍ବେ ବଲି ଜନାପଡ଼ିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଭୁବ୍ନେଶ୍ୱର୍ ନ ଆଏବାକାଏଲ୍ ନୂଆଁ ମୁଖ୍ୟମନ୍ତ୍ରୀଙ୍କର୍ ଶପଥ୍ ଗ୍ରହଣ୍ ସମାରୋହ ହେବା । ଉପର୍ବେଲା ୪ ବାଜିକରି ୪୫ ମିନିଟ୍ଥି ରାଜ୍ୟପାଲ୍ ରଘୁବର୍ ଦାସ ନୂଆଁ ମୁଖ୍ୟମନ୍ତ୍ରୀଙ୍କୁ ପଦ ଆଉ ଗୋପନୀୟତାର ଶପଥ୍ ପାଠ୍ କରାବେ ।

କେନ୍ଦ୍ରସର୍କାର୍ - ୩ କୋଟି ଘର୍ ଆର୍ଏନ୍ୟୁ /ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ୩ ନମ୍ବର୍ ପାଲିଥି କାର୍ଯ୍ୟଭାର ନେବାର୍ ଉତ୍ରୁ ଗଲାକାଏଲ୍ ପହେଲା ନିଷ୍ପତିଥି ପି.ଏମ୍. କିଷାନ୍ ସମ୍ମାନ୍ ନିଧିର୍ ୧୭ ନମ୍ବର୍ କିସ୍ତି ଜାରି କରିଛନ୍ । ହେନ୍ତା ୨ ନମ୍ବର୍ ନିଷ୍ପତିଥି ଗରିବ୍ ଲୁକ୍କର୍ ଲାଗି ଅଏତ୍କା ୩ କୋଟି ଘର୍ ବନାବାର୍ ପ୍ରସ୍ତାବ୍କେ କେନ୍ଦ୍ର ସର୍କାର୍ ମଞ୍ଜୁର୍ କରିଛନ୍ । ପ୍ରଧାନ୍ମନ୍ତ୍ରୀ ଆବାସ ଯୋଜ୍ନା ଜରିଏ ଇ ଘର୍ ତିଆର୍

କରାଯିବା । ଇଥି ସହରାଂଚଲ୍ ଆଉ ଗାଁଗହଲ୍‌ର ଘର୍ ନାଇଁଥିବାର୍ ପରିବାର୍ ଉପକୃତ ହେବେ । ଘର୍ ମାନ୍‌କେ ବିଜ୍‌ଲି, ପାଏନ୍, ଗେସ୍ ସଂଯୋଗ୍, ବାଗିର୍ ସୁବିଧା ରହେବା ବଲି ଜନାପଡ଼ିଛେ ।

ପି.ଏମ୍. କିଷାନ୍ ସମ୍ମାନ୍ ନିଧିଥି ୯ କୋଟି ୩୦ ଲାଖ୍ ଚାଷୀଙ୍କର୍ ଲାଗି ୨୦ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ । ଇ ଟଙ୍କା ସିଧାସଲଖ୍ ଚାଷୀମାନ୍‌କର୍ ଖାତାକେ ଯିବା ।

## ରାଜ୍ୟମାନ୍‌କୁ କେନ୍ଦ୍ରୀୟ ଟିକସ୍ ହସ୍ତାନ୍ତର୍

ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ସର୍‌କାର୍ ରାଜ୍ୟମାନ୍‌କୁ ଟିକସ୍ ହସ୍ତାନ୍ତର୍ କିସ୍ତ ବାବ୍‌ଦେ ଇ ମାସ ୧ ଲାଖ୍ ୩୯ ହଜାର୍ ୭ ଶଉ ୫୦ କୋଟି ଟଙ୍କା ଦେବାର୍‌କେ ଥିର୍ କରିଛନ୍ । ଇଥି ଜୁନ୍ ମାସର୍ ନିୟମିତ କିସ୍ତି ସହେତେ ଗୁଟେ ଅଏତ୍‌କା କିସ୍ତିର୍ ଟଙ୍କା ଦିଆଯିବା । ଇତାର୍‌ଦ୍ୱାରା ରାଜ୍ୟ ସର୍‌କାର୍ ମାନେ ବିକାଶ୍‌କେ ତୁର୍‌ତି କରିପାର୍‌ବେ ବଲି କୁହାଯାଇଛେ । ଟିକସ୍ ହସ୍ତାନ୍ତର୍ ବାବ୍‌ଦେ ଓଡ଼ିଶାକେ ୬ ହଜାର୍ ୩ ଶହ ୨୭ କୋଟି ୪୨ ଲାଖ୍ ଟଙ୍କା ମିଲ୍‌ବା ବଲି ଅର୍ଥ ମନ୍ତ୍ରଣାଲୟ ତର୍‌ଫୁ ସୂଚ୍‌ନା ମିଲିଛେ ।

ଗଲାକାଏଲ୍‌ତକ୍ ୨୦୨୪ -୨୫ ଆର୍ଥିକ୍ ବଛ୍‌ରେ ରାଜ୍ୟମାନ୍‌କୁ ୨ ଲାଖ୍ ୭୯ ହଜାର୍ ୫ ଶହ କୋଟି ଟଙ୍କାର୍ କିସ୍ତି ଦିଆଯାଇଥିବାର୍ ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାର୍ ବେଲେ ପଶ୍ଚିମ ଓଡ଼ିଶା ନ ଜବର୍ ତାତି ସହେତେ ଉପକୂଳ ଓଡ଼ିଶା ନ ଗୁଲ୍‌ଗୁଲି ହେଉଛେ । ଆଏବା ୩ ଦିନ୍‌ତକ୍ ଏନ୍ତା ଥିତି ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ପୂର୍ବାନୁମାନ୍ କରିଛେ ।